# Akashvani, Sambalpur

## SAMBALPURI NEWS EVENING BULLETIN

## 3 September 2024- 7.02 pm- 7.12 pm.

*******************************************

୧- ପଶ୍ଚିମ ଓଡ଼ିଶାଥି ହାଇକୋର୍ଟ ବେଂଚ୍ ଥାପ୍ନା ପ୍ରସଙ୍ଗ ଅଛେ ବିଚାରାଧୀନ୍ - ବିଧାନ୍‌ସଭାଥି କହେଲେ ମୁଖ୍ୟମନ୍ତ୍ରୀ ।

୨- ବିଧାନ୍‌ସଭା ନ ସୁଭଦ୍ରା ଯୋଜ୍‌ନା ମୁଲ୍‌ତବୀ ପ୍ରସ୍ତାବ୍ ଉପ୍‌ରେ ହେଲା ଆଲୋଚନା ।

- ଯୋଜ୍‌ନାକେ ନେଇକରି ଗାଁ ମାନ୍‌କେ ଉତ୍ସ୍‌ନାକି ଦେଖ୍‌ବାର୍‌କେ ମିଲିଛେ କହେଲେ ଉପମୁଖ୍ୟମନ୍ତ୍ରୀ ।

୩- ରାଏଜେ ଉଚ୍ଚଶିକ୍ଷା କ୍ଷେତ୍ର ନ ଜାତୀୟ ଶିକ୍ଷାନୀତି ପ୍ରଣୟନ୍ ଲାଗି ହେଲା ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ୍ ।

ଆଉର୍

୪- ନୂଆଖାଇ ଲାଗି ସମ୍‌ଲେଇ ମନ୍ଦିର୍‌କେ ଆଏଲା ନୂଆଁ ଧାନ୍ ।

ହାଇକୋର୍ଟ ବେଂଚ୍       ଆର୍‌ଏନ୍‌ୟୁ/ କଟକ୍

ପଶ୍ଚିମ ଓଡ଼ିଶା ନ ହାଇକୋର୍ଟ ବେଂଚ୍ ଥାପ୍‌ନା ବାବ୍‌ଦେ ସର୍‌କାର୍‌ଙ୍କର୍ ସକ୍ରିୟ ବିଚାରାଧୀନ ରହିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭାଥି ଆଏଜ୍ ଇ ବାବ୍‌ଦେ ବିବୃତି ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଲୋକ୍‌ମାନ୍‌କୁ ତ୍ୱରିତ୍ ନ୍ୟାୟ ଦେବାର୍ ଆଉ ସମାଜ୍‌ର ତୃଣମୂଳ ସ୍ତର୍‌ଥି ନ୍ୟାୟର ସୁଫଲ୍ ପୁହୁଁଚାବାର୍‌ଥି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ । ହେଲେ ଗଲାକାଏଲ୍ ଇ ବାବ୍‌ଦେ ଗୃହଥି ଦିଆଯାଇଥିବା ଉତର୍ ସୁପ୍ରିମ୍‌କୋର୍ଟଙ୍କର୍ ଟିପ୍ପଣୀ ଆଧାର୍‌ଥି ଦିଆଯାଇଥିଲା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସୁଭଦ୍ରା ଯୋଜ୍‌ନା        ଆର୍‌ଏନ୍‌ୟୁ/ କଟକ୍

ସୁଭଦ୍ରା ଯୋଜ୍‌ନାଥି ସାମିଲ୍ ହେବାର୍ ଲାଗି ଗାଁଗହଲିର୍ ମହିଲାମାନ୍‌କର୍ ଭିତ୍‌ରେ ଉସ୍‌ନାକି ଦେଖିବାର୍‌କେ ମିଲିଛେ ବଲି ମହିଲା ଆର୍ ଶିଶୁବିକାଶ୍ ଆଉ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ବିଧାନ୍‌ସଭାଥି ଆଏଜ୍ ଇ ବାବ୍‌ଦେ ମୁଲ୍‌ତବୀ ପ୍ରସ୍ତାବ୍ ଆଲୋଚନାର୍ ଉତର୍ ଦେଇକରି ସେ କହିଛନ୍ ଯେ, ଇ ଯୋଜ୍‌ନାର୍ ଦୁରୁପଯୋଗ୍

ହେବାର୍ ପ୍ରଶ୍ନ ନାଇଁ ଉଠ୍‌ବାର୍ । ଯୋଗ୍ୟ ପରିବାର୍‌ର ସବୁ ମହିଳାଙ୍କୁ ଇ ଯୋଜ୍‌ନାଥି ସାମିଲ୍ କରାଯିବା ବଲି ସେ ସ୍ୱଷ୍ଟ କରିଛନ୍ । ହେଲେ ମନ୍ତ୍ରୀଙ୍କର୍ ଉତର୍‌ଥି ଅସନ୍ତୋଷ୍ ହେଇକରି ବିରୋଧୀ ବିଜେଡ଼ି ଆର୍ କଂଗ୍ରେସ୍ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ ।

## ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ — ସୂଚନା ଲୋକସମ୍ପର୍କ ବିଭାଗ୍

ରାଏଜେ ଉଚ୍ଚଶିକ୍ଷା କ୍ଷେତ୍ର ନ ଜାତୀୟ ଶିକ୍ଷାନୀତି ପ୍ରଣୟନ୍ ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟ ଦୀକ୍ଷାନ୍ତ ଭବନ୍ ଠାନେ ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ନୂଆଦିଲ୍ଲୀର୍ ରାଷ୍ଟ୍ରୀୟ ଶୈକ୍ଷିକ ଯୋଜ୍‌ନା ପ୍ରଶାସନ୍ ସଂସ୍ଥାନ୍ ଆଉ ଉତ୍କଲ୍ ବିଶ୍ୱବିଦ୍ୟାଳୟ ତରଫୁ ଇ କାର୍ଯ୍ୟକ୍ରମ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଉଚ୍ଚଶିକ୍ଷା କ୍ଷେତ୍ର ନ ବିକାଶ୍ ଆନ୍‌ବାର୍ ଲାଗି ଜାତୀୟ ଶିକ୍ଷାନୀତି ପ୍ରଣୟନ୍ ଜରୁରୀ ବଲି କହିଛନ୍ । ସର୍‌କାର୍‌ଙ୍କର୍ ଶହେ ଦିନର୍ କାର୍ଯ୍ୟସାରଣୀ ଭିତ୍‌ରେ ଓଡ଼ିଶା ନ ଜାତୀୟ ଶିକ୍ଷାନୀତି ପ୍ରଣୟନ୍‌କେ ପ୍ରାଥମିକତା ମିଳିଛେ । ବିଶ୍ୱବିଦ୍ୟାଳୟର୍ ସଂସ୍କୃତିକେ ବଜାୟ ରଖ୍‌ବାର୍ ଆଉ ମହାବିଦ୍ୟାଳୟ ମାନ୍‌କୁ

ସ୍ୱାୟତତା ଦେଇକରି ଗୁଟେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କର୍‌ବାର୍ ଦିଗେ କାମ୍ କରାଯାଉଛେ ବଲି ସେ କହିଛନ୍ । ମାତୃଭାଷାଥି ପାଠ୍‌ପଢ଼ା ଛାତ୍ରଛାତ୍ରୀମାନ୍‌କର୍ ସୃଜନଶୀଳତାର୍ ବିକାଶ୍‌ଥି ସାହାଜ୍ ହେବା ବଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା- ବିଧାନ୍‌ସଭା ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜ୍‌ନାଥି ଯୋଗ୍ୟ ହିତାଧିକାରୀମାନ୍‌କୁ କେନ୍ଦ୍ର ଗ୍ରାମୀଣ ଉନ୍ନୟନ୍ ମନ୍ତ୍ରଣାଳୟର୍ ଅନୁମୋଦନ୍ ଉତାରୁ ଘର୍ ବଂଟାଯିବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ବିଧାନ୍‌ସଭାଥି ଆଏଜ୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ମନ୍ତ୍ରଣାଳୟର୍ ଅନୁମୋଦନ୍ ଉତାରୁ ମାର୍ଗଦର୍ଶିକା ଆଧାର୍‌ଥି ଯୋଗ୍ୟ ପରିବାର୍‌ଙ୍କୁ ଘର୍ ବଂଟାଯିବା । ଏଛେନ୍ ଲାଖେ ୨୬ ହଜାର୍ ୫ ଶହ ୪୨ ଝନ୍ ପ୍ରଧାନ୍‌ମନ୍ତ୍ରୀ ଗ୍ରାମୀଣ୍ ଆବାସ ଯୋଜ୍‌ନା ଅଧୀନ୍‌ଥି ଘର୍ ଲାଗି ଆବେଦନ୍ କରିଛନ୍ । ଯୋଗ୍ୟ ହିତାଧିକାରୀମାନ୍‌କୁ ଚିହ୍ନଟ୍ ଲାଗି ସର୍ଭେ କାମ୍ ମୁଲ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ତରଫୁ

ଗ୍ରାମୀଣ ଉନ୍ନୟନ୍ ମନ୍ତ୍ରଣାଳୟକେ ଅନୁରୋଧ୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ପେଷା ଆଇନ୍-ବିଧାନ୍ସଭା            ଆର୍ଏନ୍ୟୁ/ କଟକ୍

ରାଏଜେ ପେଷା ଆଇନ୍ ଲାଗୁ କର୍ବାର୍କେ ସର୍କାର୍ ପଦକ୍ଷେପ୍ ନେଇଛନ୍ ବଲି ପଂଚାୟତିରାଜ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ବିଧାନ୍ସଭାଥି ଆଏଜ୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ନାଏକ୍ କହିଛନ୍ ଯେ, ପେଷା ଆଇନ୍ଥି ସର୍ପଂଚ୍ ଅଏତ୍କା କ୍ଷମତା ପାଏବେ । ତିନ୍ଥାକିଆ ପଂଚାୟତିରାଜ୍ ବ୍ୟବସ୍ଥାଥି ସର୍ପଂଚ୍ ମାନ୍କୁ ୨୨ ଟା କ୍ଷମତା ଦିଆଯାଇଛେ । କେନ୍ସି କ୍ଷମତା ସେମାନ୍କର୍ନୁ କାଢ଼ି ନିଆ ନାଇଁ ଯାଏ ବଲି ମନ୍ତ୍ରୀ ଶ୍ରୀ ନାଏକ୍ ସ୍ପଷ୍ଟ କରିଛନ୍ । ସେ କହିଛନ୍ ଯେ, ଆଘୋନୁ ଗ୍ରାମସଭା ଆଉ ପଲ୍ଲୀସଭାକେ ନ୍ୟାର୍ଯ୍ୟ ମାନ୍ୟତା ନାଇଁ ଦିଆଯାଇ । ହେଲେ ଆଏବା ଦିନେ ଫି' ପ୍ରକଳ୍ପ ଗ୍ରାମ୍ସଭାର୍ ଅନୁମୋଦନ୍ କରାଯାଇକରି କାର୍ଯ୍ୟକାରୀ କରାଯିବା । ଦାଦନ୍ ଶ୍ରମିକ୍ ସମସ୍ୟା ରୁକ୍ବାର୍ ଲାଗି ସର୍କାର୍ ଗୁଟେ କାର୍ଯ୍ୟଖସଡ଼ା ତିଆର୍ କରୁଛନ୍ ବଲି ଶ୍ରୀ ନାଏକ୍ ଗୃହଥି ସୂଚ୍ନା ଦେଇଛନ୍ ।

ଆରମ୍ଭ ହେବ ଆମ ଓଡ଼ିଶା ନବୀନ୍ ଓଡ଼ିଶା ଆର୍‌ଏନ୍‌ୟୁ/ କଟକ୍

ଆମ ଓଡ଼ିଶା ନବୀନ୍ ଓଡ଼ିଶା ଯୋଜ୍‌ନା ଅଧୀନ୍‌ଥି ବାକି ପଡ଼ିଥିବା ପ୍ରକଳ୍ପମାନ୍ ଫେର୍‌ଘାଏ ଆରମ୍ଭ କରାଯିବା ବଲି ପଂଚାୟତ୍‌ରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ବିଧାନ୍‌ସଭା ପ୍ରଶ୍ନକାଳଥି ଆଏଜ୍ ଇ ବାବ୍‌ଦେ ଉତର୍ ଦେଇକରି ସେ କହିଛନ୍ ଯେ, ଇ ଯୋଜ୍‌ନାଥି ୩ ହଜାର୍ ୪ ଶହ ୫୭ କୋଟି ଟଙ୍କାର୍ ବ୍ୟୟବରାଦ୍ ହେଇଥିଲା । ହେଲେ ଏଛେନ୍‌ତକ୍ ଖାଲି ୩୦ ନୁ ୪୦ ପ୍ରତିଶତ୍ କାମ୍ ହେଇଛେ । ବ୍ଲକ୍ ଆଉ ପଂଚାୟତ୍‌ସ୍ତର୍‌ଥି ହେଇଥିବା କାମ୍ ମାନ୍‌କର୍ ତଥ୍ୟ ଦାଖଲ୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ତଥ୍ୟ ମିଲ୍‌ବାର୍ ଉତ୍‌ରୁ କାମ୍‌ର ଅର୍ଥ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ନୂଆଖାଇ ସମ୍ବଲପୁର୍ ସମ୍ବାଦଦାତା

ଆଏବା ୮ ତାରିଖ୍ ଦିନ ପଶ୍ଚିମ ଓଡ଼ିଶାର୍ ଗଣପର୍ବ ନୂଆଖାଇ ଲାଗି ସମ୍ବଲ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ସମ୍‌ଲେଇ

ମନ୍ଦିର୍ ନ ଜୋର୍‌ଦାର୍ ପ୍ରସ୍ତୁତି ଚାଲିଛେ । ଇଥିର୍‌ଲାଗି ଇ ଭିତ୍‌ରେ ଲଗନ୍ ଧାରିଜ୍ ହେଇସାରିଥିବାର୍ ବେଲେ ମନ୍ଦିର୍‌ର ରଙ୍ଗ୍ ଲଗା କାମ୍ ସରିଛେ । ଏଛେନ୍ ମନ୍ଦିର୍‌ର ଗମ୍ଭୀରା ସଫେଇ, ଅଲଙ୍କାର୍ ମଜା ଆର୍ ସିନ୍ଦୁର୍ ଲଗା କାମ୍ ହେବା । ଆଏଜ୍ ମନ୍ଦିର୍‌କେ ନୂଆଁ ଧାନ୍ ପୁହୁଁଚିଛେ । ବଲ୍‌ବସ୍‌ପୁର୍ ଗାଁର୍ ସୁବାସ୍ ବେହେରା ଆଉ ତାଙ୍କର୍ ଧର୍ମପତ୍ନୀ ନୂଆଁ ସରିଆ ଧାନ୍, କୁରେପତର୍ ଆଉ ସାରୁପତର୍ ମନ୍ଦିର୍‌ର ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କୁ ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୫/୬ ବଛର୍ ହେବା ଶ୍ରୀ ବେହେରା ସମଲେଶ୍ୱରୀ ମନ୍ଦିର୍‌କେ ନୂଆଖାଇ ଲାଗି ନୂଆଁ ଧାନ୍ ଦେଇଆସୁଛନ୍ । ଇ ବାବ୍‌ଦେ ଆମର୍ ସମ୍ବଲ୍‌ପୁର୍ ସମ୍ବାଦଦାତା ଗୁଣମଣି ବିଶ୍ୱାଲ୍‌ଙ୍କର୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ସମ୍ବଲପୁର୍ ସମ୍ବାଦଦାତା)

ବିଜେପିର ସଦସ୍ୟତା ଅଭିଯାନ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏଜ୍‌ଠାନୁ ବିଜେପିର୍ ସଦସ୍ୟତା ଅଭିଯାନ୍ ମୁଲ୍ ହେଇଛେ । ଇ ଅଭିଯାନ୍‌ଥି ନୂଆଁ ସଭ୍ୟ ସଂଗ୍ରହ ସହେତେ ସଭ୍ୟମାନ୍‌କର୍ ଫେର୍‌ଘାଏ ନବୀକରଣ୍ କାମ୍‌ର ବ୍ୟବସ୍ଥା କରାଯାଇଛେ ବଲି ଦଲୀୟ ସୂତ୍ରନୁ ଜନାପଡ଼ିଛେ । ରାଏଜେ ଦଲର୍ ପାଖାପାଖି ୪୨ ଲାଖ୍ ସଭ୍ୟ ରହିଛନ୍ । ୨ ଟା

ଖେପେ ଚାଲ୍‌ବାର୍‌କେ ଥିବାର୍ ଇ ଅଭିଯାନ୍‌ର ପହେଲା ଖେପ୍ ଆଏବା ୨୫ ତାରିଖ୍‌ତକ୍ ଆର୍ ୨ ନମ୍ବର୍ ଖେପ୍ ଅକ୍ଟୋବର୍ ମାସ ୨ ନୁ ୧୫ ତାରିଖ ତକ୍ ସଦସ୍ୟତା ଅଭିଯାନ୍ ଚାଲ୍‌ବା ବଲି ଦଲର୍ ରାଜ୍ୟ ସଭାପତି ମନମୋହନ୍ ସାମଲ୍ କହିଛନ୍ ।

ଡେବ୍ରିଗଡ୍- ହାତୀ ମୃତ୍ୟୁ        ସମ୍ବଲପୁର୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲାର୍ ଡେବ୍ରିଗଡ୍ ଅଭୟାରଣ୍ୟ ନ ଗଲା ୨୬ ବଛର୍ ଧରିକରି ଥିବା ହାତୀ ଖର୍ସେଲ୍‌ର ଜୀବନ୍ ଯାଇଛେ ବଲି ଡେବ୍ରିଗଡ୍ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ କହିଛନ୍ । ସେ କହିଛନ୍ ଯେ, ବୟସାଧିକ କାରଣ୍‌ନୁ ଖର୍ସେଲ୍‌ର ଜୀବନ୍ ଯାଇଛେ । ତାର୍ ବୟସ ୬୫ନୁ ଅଏତ୍‌କା ହେବା । ଗଲା ୫/୬ ମାସ୍ ହେବା ସେ ଚାଲ୍‌ବାର୍ ବୁଲ୍‌ବାର୍ ଆର୍ ଖାଏବାର୍‌ଟା କମେଇ ଦେଇଥିଲା । ଗଲା ୧୯୯୮ ମସିହାଥି ବଲାଙ୍ଗିର୍ ଖର୍ସେଲ୍ ଜଙ୍ଗଲ୍‌ନୁ ଇ ହାତୀକେ ଡେବ୍ରିଗଡ୍ ଅନାଯାଇଥିଲା ।

ମାଧ୍ୟମିକ୍ ବିଭାଗ୍‌ର ଅଲଙ୍କରଣ ସମାରୋହ    ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନ ମାଧ୍ୟମିକ୍ ବିଭାଗ୍‌ର ଅଲଙ୍କରଣ ସମାରୋହ ବିଦ୍ୟାଳୟର ପ୍ରାଚାର୍ଯ୍ୟ ସନକ୍ ମେହେର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ସମାରୋହଥି ଛାତ୍ର ପରିଷଦ୍‌ର ମନୋନୀତ୍ ପଦାଧିକାରୀମାନ୍‌କୁ ସମ୍ମାନିତ୍ କରାଯାଇଥିଲା । ପ୍ରାଚାର୍ଯ୍ୟ ଶ୍ରୀ ମେହେର୍ ସମାରୋହଥି ଉଦ୍‌ବୋଧନ୍ ଦେଇକରି ଛାତ୍ର ପରିଷଦ୍‌ର ପଦାଧିକାରୀମାନ୍‌କୁ ନେତୃତ୍ୱ ଶୃଙ୍ଖଲା ଆଉ କର୍ତବ୍ୟବୋଧର ଆଦର୍ଶ ହିସାବେ ଗଢ଼୍‌ବାର୍‌କେ ପରାମର୍ଶ ଦେଇଥିଲେ ।

ବୌଦ୍ଧ-ଡିଜିଟାଲ୍ ଫସଲ୍ ସର୍ବେକ୍ଷଣ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ହର୍‌ଭଙ୍ଗା ବ୍ଲକ୍‌ର କେଲାକଟା ଗାଁ ନ ଡିଜିଟାଲ୍ ଫସଲ୍ ସର୍ବେକ୍ଷଣ୍ କାର୍ଯ୍ୟକ୍ରମ୍‌ର ନିରୀକ୍ଷଣ୍ କରିଛନ୍ । ସର୍ବେକ୍ଷଣ୍ କାମ୍‌କେ ତ୍ୱରାନ୍ୱିତ୍ କର୍‌ବାର୍‌କେ ସେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ସେନର୍

ଚାଷୀମାନ୍‌କର୍ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ଆଲୋଚନା କରିଛନ୍ ।

ସଚେତନତା କର୍ମଶାଲା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଥାନା ପରିସର୍ ନ ପୁଲିସ୍ ଅଧିକାରୀ ଆଉ କର୍ମଚାରୀ ମାନ୍‌କୁ ନେଇକରି ଷ୍ଟେଟ୍‌ବେଙ୍କ୍ ତର୍‌ଫୁ ସ୍ୱତନ୍ତ୍ର ସୁବିଧା ବାବ୍‌ଦେ ଗୁଟେ ସଚେତନତା କର୍ମଶାଲା ହେଇଯାଇଛେ । କର୍ମଶାଲାଥି ଏସ୍‌ଡିପିଓ ଅଭିଷେକ୍ ଅରୂପ୍ ବେହେରା, ଆଜାଦ୍ ଚୌକ୍‌ର ଶାଖା ପ୍ରବନ୍ଧକ୍ ଚନ୍ଦନ୍ ମିଶ୍ର ଯୋଗ୍ ଦେଇକରି ଭିନ୍ ଭିନ୍ ସାହାଜ୍ ଉପ୍‌ରେ ବୁଝେଇଥିଲେ ।

ସ୍ୱତନ୍ତ୍ର ଜାତୀୟ ସେବା ଶିବିର        ଆର୍‌ଏନ୍‌ୟୁ/ କଟକ୍

ବଲାଙ୍ଗିର୍ ଜିଲ୍ଲା ମୁରିବାହାଲ୍ ପଂଚାୟତ୍ ସମିତି ଡିଗ୍ରୀ ମହାବିଦ୍ୟାଳୟ ନ ଚାଲିଥିବା ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ହପ୍ତେତକ୍ ଚାଲିଥିବା ଇ ଶିବିର୍ ଅବ୍‌ସରେ କଲେଜ୍ ପରିସର୍ ଆଉ ଘୁସ୍‌ରାମୁଣ୍ଡା

ଗାଁ ନ ଚାରାରୋପଣ୍ ସହେତେ ଅଲ୍‌ଗା ଜନସଚେତନତା କାର୍ଯ୍ୟକ୍ରମ୍ ହେଇଥିଲା ।

ଓଡ଼ିଶା ରାଜ୍ୟ ଖାଦ୍ୟ ନିଗମ୍ ଅଧ୍ୟକ୍ଷ-ବଲାଙ୍ଗିର

ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ରାଜ୍ୟ ଖାଦ୍ୟ ନିଗମ୍ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ୨ ଦିନିଆ ବଲାଙ୍ଗିର୍ ଗସ୍ତଥି ଯାଇକରି ଭିନ୍ ଭିନ୍ ବ୍ଲକ୍ ଇଲାକା କ୍ଷେତ୍ର ବୁଲି ଦେଖିଛନ୍ । ସେଆଡ଼େ କାର୍ଯ୍ୟକାରୀ ହେଇଥିବା ଭିନ୍ ଭିନ୍ ଯୋଜ୍‌ନାର୍ ଥିତି ବାବ୍‌ଦେ ସମୀକ୍ଷା କର୍‌ବାର୍ ସହେତେ ସ୍ଥାନୀୟ ହିତାଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ । ଭିନ୍ ଭିନ୍ ବିଭାଗ୍‌ର ଜିଲ୍ଲାସ୍ତରୀୟ ଅଧିକାରୀମାନେ ତାଙ୍କର୍ ସାଙ୍ଗେ ଇ ଗସ୍ତଥି ଯାଇଥିଲେ ।

ନିନାଦ ର ଆୟୋଜନ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଆଏବା ୫ ତାରିଖ୍ ଦିନ ସାଂସ୍କୃତିକ୍ ସମାରୋହ 'ନିନାଦ୍' ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମାରୋହକେ ଉଦ୍‌ଘାଟନ୍ କର୍‌ବେ । ରାଜ୍ୟସ୍ତରୀୟ ଚୟନ୍

ପ୍ରକ୍ରିୟା ଜରିଏ ବଛାଯାଇଥିବାର୍ କଳାକାର୍ ଇ ସମାରୋହଥି ଗୀତ୍ ଗାଏବେ । କୃତୀ କଳାକାର୍ ମାନ୍‌କୁ ଇ ଅବ୍‌ସରେ ସମ୍ବର୍ଦ୍ଧିତ କରାଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସପ୍ତପୁରୀ ଅମାବାସ୍ୟା ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ସପ୍ତପୁରୀ ଆମାବାସ୍ୟା ନୀତି ହେଉଛେ । ଭୁଦୋ ମାସର୍ ଉଆଁସ୍ ତିଥିକେ ସପ୍ତପୁରୀ ଆମାବାସ୍ୟା ହିସାବେ ପାଲନ୍ କରାଯାଏସି । ଶ୍ରୀଜଗନ୍ନାଥଙ୍କର୍ ଠାନେ ସପ୍ତପୁରୀ ଭୋଗ ଲାଗି ହେଇଛେ । ଇ ଭୋଗ୍‌କେ ମା ଦକ୍ଷିଣକାଳୀ- ମହାପ୍ରଭୁଙ୍କର୍ ଲାଗି ତିଆର୍ କର୍‌ସନ୍ ବଲି ବିଶ୍ୱାସ୍ ରହିଛେ । ଅବକାଶ ନୀତି ଉତ୍‌ରୁ ମାହାପୁରୁମାନ୍‌କୁ ସ୍ୱତନ୍ତ୍ର ବେଶ କରାଯାଇକରି ସପ୍ତପୁରୀ ଅମାବାସ୍ୟା ନୀତିକାନ୍ତି ହେଇଛେ । ସନ୍ଧ୍ୟାଧୂପ ଉତ୍‌ରୁ ଶ୍ରୀଜୀଉଙ୍କର୍ ବସ୍ତ୍ରହରଣ୍ ପ୍ରସ୍ତାବ୍ ସହେତେ ବିଜେ ପ୍ରତିମା ଶ୍ରୀ ନାରାୟଣ୍ ସାଗର୍ ବିଜେ କର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ବଙ୍ଗୋପ୍‌ସାଗର୍ ନ ଆଏବା ଗୁରୁବାର୍ ଦିନ ଆଉ ଗୁଟେ ଲଘୁଚାପ୍ ସୃଷ୍ଟି ହେଇପାରେ । ଇତାର୍ ପ୍ରଭାବ୍‌ଥି ଦକ୍ଷିଣ ଉପକୂଳ ଓଡ଼ିଶାର୍ ଭିନ୍ ଭିନ୍ ଇଲାକା ନ ବର୍ଷା ବଢ଼୍‌ବା । ଆଏବା କାଏଲ୍ ସୁନ୍ଦର୍‌ଗଡ଼୍ ସହେତେ ୧୪ ଜିଲ୍ଲା ନ ଧୁକାଧନ୍ଦି ସହେତେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।